# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ


AOUBEA

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ.*- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org


*ପରିପତ୍ର ସଂଖ୍ୟା :-* ୧୯-୨୦୧୮ — ଭୁବନେଶ୍ୱର

***ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,*** — ୧୫.୦୯.୨୦୧୮

**ପ୍ରିୟ କମ୍ରେଡ୍,**

**ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ ପାଇଁ ଦରଖାସ୍ତ ଆହ୍ୱାନ :-** ବ୍ୟାଙ୍କ କର୍ତ୍ତୃପକ୍ଷ ସାଉଥ ବଳଣ୍ଡା ଓ ବଡ଼ବିଲ ଶାଖା ଦ୍ୱୟ ର ଖାଲି ଥିବା ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ ପାଇଁ ତା ୨୭.୦୮.୨୦୧୮ ରିଖ ରେ ସର୍କୁଲାର ନମ୍ବର ୫୨୪/୨୦୧୮ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରିଥିଲେ। ଦାରଖାସ୍ତ ପହଞ୍ଚିବାର ଶେଷ ତାରିଖ ୨୦/୦୯/୨୦୧୮ ରଖାଯାଇଛି ।

**ରାଞ୍ଚି ଜୋନାଲ କମିଟି ମିଟିଂ :-** ଓଡିଶା , ବିହାର ଓ ଝାଡଖଣ୍ଡ ରାଜ୍ୟକୁ ନେଇ ଗଠିତ ୟୁନିଅନ ବ୍ୟାଙ୍କ ଏମ୍ପ୍ଲୋୟୀଜ କୋ-ଓଡିନେସନ କମିଟି ରାଞ୍ଚି ଜୋନ ର ଏକ କମିଟି ମିଟିଂ ତା ୨୦.୦୮.୨୦୧୮ ରିଖ ରେ ରାଞ୍ଚି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଟିଂ ରେ ତିନୋଟି ରାଜ୍ୟ ର କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରଯାଇଥିଲା । ସଭା ର ଦିତୀୟାର୍ଦ୍ଧ ରେ ନେତୃତ୍ୱ ମାନଙ୍କ ର ଏକ ଦଳ ଆମ ଜୋନ ର ଜେନେରାଲ ମ୍ୟାନେଜର ଙ୍କୁ ସାକ୍ଷାତ କରିଥିଲେ । ତିନୋଟି ରାଜ୍ୟର କର୍ମଚାରୀ ମାନଙ୍କର ବିଭିନ୍ନ ବିବାଦ ସ୍ୱଦ ସମସ୍ୟା ଉପରେ ଜେନେରାଲ ମ୍ୟାନେଜର ଙ୍କ ସହ ଆଲୋଚନା କରିଥିଲେ । ଆମ ରାଜ୍ୟ ସଂଗଠନ ତରଫରୁ ସାଥି ପ୍ରଦୀପ ଷଡଙ୍ଗୀ ,ସାଥି ଅଜୟ କୁମାର ମହାନ୍ତି ,ସାଥି ସୁରେଶ ନାୟକ,ସାଥି ସରୋଜ ନାୟକ ଓ ସାଥି ଶରତ ଚନ୍ଦ୍ର ସେନାପତି ଏହି ମିଟିଂ ରେ ଯୋଗଦାନ କରିଥିଲେ।

**ଏ ଓ ବି ଇ ଏଫ ସମ୍ମିଳନୀ :-** ଏ ଓ ବି ଇ ଏଫ ର ୯ମ ସମ୍ମିଳନୀ ଆସନ୍ତା ଅକ୍ଟୋବର ୧୩ – ୧୪ ତାରିଖରେ କଳାବିକାଶ କେନ୍ଦ୍ର କଟକ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ସମ୍ମିଳନୀ ପାଇଁ ଆମ ସଂଗଠନ ତରଫରୁ କିଛି ଆର୍ଥିକ ଅନୁଦାନ ଦେବାପାଇଁ ସ୍ଥିର କରାଯାଇଛି । ସମସ୍ତ ୟୁନିଟ ମାନଙ୍କୁ ଅନୁରୋଧ ସେମାନେ ନିଜ ସାମର୍ଥ୍ୟ ଅନୁଯାଇ ଆର୍ଥିକ ଅନୁଦାନ ଆମ ସଂଗଠନ ଖାତା ରେ (୪୦୭୧୦୨୦୭୦୦୦୭୬୦୩) ଜମା କରିବା ପାଇଁ ଚେଷ୍ଟା କରିବେ। ଏଥି ପାଇଁ କୁପନ ଓ ରସିଦ ବହି ଏ ଓ ବି ଇ ଏଫ ତରଫରୁ ଯୋଗାଇ ଦିଆଯାଇଛି । ଯେଉଁ ୟୁନିଟ ମାନଙ୍କ ର ଏହି କୁପନ ଓ ରସିଦ ବହି ଆବଶ୍ୟକ ସେମାନେ ଆମ ଠାରୁ ନେଇଯାଇ ପାରିବେ । ଏହି ସମ୍ମିଳନୀ ରେ ବହୁ ସଂଖ୍ୟାରେ ଆସି ଯୋଗ ଦେବା ପାଇଁ ସାଥି ମାନଙ୍କୁ ଅନୁରୋଧ ।

**ଆଇ ଆର ମିଟିଂ ଭୁବନେଶ୍ବର :-** ଗତ ୧୧.୦୯.୨୦୧୮ ତାରିଖରେ ଭୁବନେଶ୍ବର ରିଜୋନାଲ ଅଫିସ ଠାରେ ଦୁଇଟି ତ୍ରୟମାସିକ ଆଇ ଆର ବୈଠକ (ଏପ୍ରିଲ-ଜୁନ ଓ ଜୁଲାଇ-ସେପ୍ଟେମ୍ବର ) ଏକ ସଙ୍ଗେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ଆମେ ଦୁଇଟି ତ୍ରୟମାସିକ ଆଇ ଆର ବୈଠକ ଏକ ସଙ୍ଗେ ହେବାକୁ ଦୃଢ ପ୍ରତିବାଦ କରିଥିଲୁ । ଏହାର ପୁନରାବୃତ୍ତି ହେବ ନାହିଁ ବୋଲି କର୍ତ୍ତୃପକ୍ଷ କହିଥିଲେ । ଏହି ବୈଠକ ରେ ରାଜ୍ୟର କର୍ମଚାରୀ ମାନଙ୍କ ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଆମ ସଂଗଠନ ତରଫରୁ 7 ଜଣ କର୍ମକର୍ତ୍ତା ସାଥି ସଭାପତି ଉପେନ୍ଦ୍ର ମହାନ୍ତି ,ଉପସଭାପତି ପ୍ରଦୀପ ଷଡଙ୍ଗୀ ,ସାଧାରଣ ସମ୍ପାଦକ ଅଜୟ ମହାନ୍ତି ,ଉପ ସାଧାରଣ ସମ୍ପାଦକ ସରୋଜ ନାୟକ , ସାଙ୍ଗଠନିକ ସମ୍ପାଦକ ବଲରାମ ମହନ୍ତ,କୋଷାଦକ୍ଷ ସୁରେଶ ନାୟକ ଓ ସହ କୋଷାଦକ୍ଷ ଏହି ବୈଠକ ରେ ଯୋଗ ଦେଇଥିଲେ ।

**ଶାଖା ମିଶ୍ରଣ : -** ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ହିନ ଚକ୍ରାନ୍ତ ର ଶିକାର ହେବାକୁ ଯାଉଛି ଆମ କନିକା ଛକ–କଟକ ଶାଖା । ବ୍ୟାଙ୍କ କର୍ତ୍ତୃପକ୍ଷ କ୍ଷତି ର ଆଳ ଦେଖାଇ ସାଧାରଣ ଗ୍ରାହକ ଓ ସାଧାରଣ ଜନତାଙ୍କ ସ୍ୱାର୍ଥ କୁ ତୁଚ୍ଛ ମନେକରି ଏହି ଶାଖା କୁ ଚଣ୍ଡୀ ଛକ-କଟକ ଶାଖା ସହିତ ମିଶ୍ରଣର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିସାରିଛନ୍ତି । ଏହାକୁ ଆମ ସଂଗଠନ ଦୃଢ ବିରୋଧ କରୁଅଛି ।

**ବ୍ୟାଙ୍କ ମିଶ୍ରଣ :-** ସରକାର ଓ ପୁଞ୍ଜିପତି ମାନଙ୍କ ମଧ୍ୟରେ ଚାଲି ଥିବା ମଧୁ ଚନ୍ଦ୍ରିକା ପାଇଁ ବଳିପଡିବାକୁ ଯାଉଛନ୍ତି ରାଷ୍ଟ୍ରାୟତ ବ୍ୟାଙ୍କ ସମୂହ ଓ ଏହାର ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ଗଣ । ଗତ ୧୭.୦୯.୨୦୧୮ ତାରିଖ ଦିନ ଦେଶ ର ତିନୋଟି ରାଷ୍ଟ୍ରାୟତ ବ୍ୟାଙ୍କ ବ୍ୟାଙ୍କ ଅଫ ବରୋଦା ,ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କ କୁ ମିଶ୍ରଣ କରାଯାଇ ଗୋଟିଏ ବ୍ୟାଙ୍କ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି । ଏହି ଘୋଷଣାର ଦୃଢ ପ୍ରତିବାଦ କରି ତୁରନ୍ତ ବିକ୍ଷୋବ ର ନିସ୍ପତି ନେଇଥିଲା ୟୁ ଏଫ ବି ୟୁ । ଏହାର ପରଦିନ ଅର୍ଥାତ ୧୮.୦୯୨୦୧୮ ତାରିଖରେ ସାରା ଦେଶ ର ସମସ୍ତ ସହର ଓ ମହାନଗର ରେ ସରକାରଙ୍କ ଏହି ନିସ୍ପତି ବିରୁଦ୍ଧ ରେ ୟୁ ଏଫ ବି ୟୁ ଦ୍ୱାରା ବିକ୍ଷୋବ ପ୍ରଦର୍ଶନ କରଯାଇଥିଲା । ଆଗାମି ଦିନରେ ଏହି ବିଷୟ ଉପରେ ଅଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ୟୁ ଏଫ ବି ୟୁ ର କର୍ମକର୍ତ୍ତା ଗଣ ସରକାରଙ୍କୁ ଜଣାଇ ଦେଇଛନ୍ତି ।

## ଶାଖା ମାନଙ୍କ ମିଶ୍ରଣ ବନ୍ଦ କରିବା ଆମର ଦାବି ।

**ବ୍ୟାଙ୍କ ମାନଙ୍କ ମିଶ୍ରଣ ବନ୍ଦ କରିବା ଆମର ଦାବି ।**

**ଅଜୟ କୁମାର ମହାନ୍ତି**

**ସାଧାରଣ ସମ୍ପାଦକ**